ସକାଳ
THE SAKALA



# ସମ୍ବଲପୁରରେ ୪୦ ଡିଗ୍ରୀ ଉପରେ ପାରଦ

ସମ୍ବଲପୁର, ୧୩।୪ (ସମିସ)

ସମ୍ବଲପୁରରେ ଚଳିତବର୍ଷ ଶୀତ ସମୟରେ ପାରଦ ୯ ଡିଗ୍ରୀ ଛୁଇଁଥିବାବେଳେ ସେହ ଅନୁଯାୟୀ ଅସହ୍ୟ ତାତି ହେବ ବୋଲି ପରିବେଶବିତ୍ ମାନେ ମତବ୍ୟକ୍ତ କରିଥିଲେ । କାଳବୈଶାଖୀ ଯୋଗୁଁ ତାପମାତ୍ରା ସାମାନ୍ୟ କମ୍ ରହିଥିଲା । ତେବେ ବି ତାହା ୩୫ ଡିଗ୍ରୀ ତଳକୁ ଯାଇ ନଥିଲା । ପୁଣି ତାପମାତ୍ରାରେ ବୃଦ୍ଧି ଘଟିଛି । ଟାଣ ଖରା ସହ ପ୍ରବଳ ଗୁଳୁଗୁଳି ହେଉଛି । ପଙ୍ଖା, କୁଲର୍ କିଛି କାମ କରୁନାହିଁ । ତାହାସହିତ ଦାଉ ସାଧୁଛି ବିଦ୍ୟୁତ୍ ବିଭାଗର ଅଘୋଷିତ ବିଦ୍ୟୁତ୍ କାଟ୍ । ଗତ ଦୁଇଦିନ ହେବ ସମ୍ବଲପୁରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି । ଚଳିତବର୍ଷ ସର୍ବୋଚ୍ଚ ତାପମାତ୍ରା ୫୦ ଡିଗ୍ରୀ ଛୁଇଁପାରେ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ କରାଯାଉଛି । ସୂଚନାଯୋଗ୍ୟ ଯେ, ଗତବର୍ଷ ୨୦୨୫ ଏପ୍ରିଲ ୨୨ ତାରିଖରେ ସମ୍ବଲପୁରର ତାପମାତ୍ରା ବର୍ଷର ସର୍ବାଧିକ ୪୪.୬ ଡିଗ୍ରୀ ହୋଇଥିବାବେଳେ ୨୦୨୪ ମସିହା ମେ




୩୦ ତାରିଖରେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୬.୨ ଡିଗ୍ରୀ ହୋଇଥିଲା ।

ଚଳିତବର୍ଷ ମାର୍ଚ୍ଚ ମାସରୁ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଥିଲା । ମାର୍ଚ୍ଚ ୧୩ ତାରିଖରେ ତାପମାତ୍ରା ୪୦

**ସମ୍ବଲପୁରର ତାପମାତ୍ରା**

| ତାରିଖ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ଏପ୍ରିଲ ୧ | ୩୮.୪ | ୨୧.୪ |
| ଏପ୍ରିଲ ୨ | ୩୮.୬ | ୨୩.୮ |
| ଏପ୍ରିଲ ୩ | ୪୦.୦ | ୨୪.୮ |
| ଏପ୍ରିଲ ୪ | ୩୮.୪ | ୨୫.୪ |
| ଏପ୍ରିଲ ୫ | ୩୩.୦ | ୨୬.୦ |
| ଏପ୍ରିଲ ୬ | ୩୬.୨ | ୨୨.୭ |
| ଏପ୍ରିଲ ୭ | ୩୬.୫ | ୨୨.୮ |
| ଏପ୍ରିଲ ୮ | ୩୭.୦ | ୨୩.୮ |
| ଏପ୍ରିଲ ୯ | ୩୬.୮ | ୨୩.୦ |
| ଏପ୍ରିଲ ୧୦ | ୩୭.୮ | ୨୩.୫ |
| ଏପ୍ରିଲ ୧୧ | ୩୮.୪ | ୨୨.୦ |
| ଏପ୍ରିଲ ୧୨ | ୪୦.୧ | ୨୧.୨ |
| ଏପ୍ରିଲ ୧୩ | ୪୦.୪ | ୨୪.୩ |

ଡିଗ୍ରୀ ଛୁଇଁଥିଲା । ଏହାପରେ ପୁଣି ଗତ ୩ ତାରିଖ ସମ୍ବଲପୁରର ତାପମାତ୍ରା ସର୍ବାଧିକ ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୪.୮ ଡିଗ୍ରୀ ରେକର୍ଡ କରାଯାଇଥିଲା । ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ତାତିଲା ପବନ ବହୁଛି । ସକାଳ ନହେଉଣୁ ଟାଣ ଖରାରେ ଲୋକେ ହନ୍ତସନ୍ତ । ପାଣି ଟୋପାଏ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି । ଟାଣ ଖରା ଯୋଗୁଁ ଲୋକେ ମୁଣ୍ଡରେ ଗାମୁଛା ବାନ୍ଧିବାସହ ଛତା ଧରି ଯିବାଆସିବା କରୁଛନ୍ତି । ମହାନଗର ନିଗମ ପକ୍ଷରୁ ଟ୍ରାଫିକ୍ ଛକ ମାନଙ୍କରେ ଘୋଡ଼ଣୀ ବା ଗ୍ରୀନ୍ ସେଡ୍ ନିର୍ମାଣ କରାଯାଇଛି । ସମ୍ପ୍ରତି ବଜାରରେ ଆଖୁ ରସ, ତରଭୁଜ, କାକୁଡ଼ି ଆଦିର ଚାହିଦା ବଢ଼ିବାରେ ଲାଗିଛି ।

## ଜଗଦଲପୁର ବଜାରରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ଦାବି

**ଝାରବନ୍ଧ, ୧୩।୪(ସମିସ):** ଝାରବନ୍ଧ ବ୍ଲକ ଅଧୀନ ଜଗଦଲପୁରରେ ଗୁରୁବାର ବସୁଥିବା ସାପ୍ତାହିକ ବଜାର ଅଞ୍ଚଳର ଆର୍ଥିକ ଓ ସାମାଜିକ ଜୀବନର ମୁଖ୍ୟ କେନ୍ଦ୍ର ହୋଇପାରିଛି । ଓଡ଼ିଶା ଓ ଛତିଶଗଡ଼ର ବ୍ୟବସାୟୀ, ଚାଷୀ ଓ ସାଧାରଣ ଲୋକ ବଡ଼ ସଂଖ୍ୟାରେ ଏହି ବଜାର ଉପରେ ନିର୍ଭର କରୁଛନ୍ତି । କିନ୍ତୁ ଏତେ ଗୁରୁତ୍ୱପୂର୍ଣ୍ଣ ବଜାରରେ ମୌଳିକ ସୁବିଧା ଅଭାବ ଏବେ ଚିନ୍ତାଜନକ ରୂପ ନେଇଛି । ବିଶେଷକରି ଗୋଷ୍ଠୀ ଶୌଚାଳୟ ନ ଥିବାରୁ ମହିଳାମାନେ ହଇରାଣ ହେଉଛନ୍ତି । ଏହା ମହିଳା ସମ୍ମାନକୁ ହାନି କରୁଥିବା ଏକ ଗଭୀର ସମସ୍ୟା ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି । ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣ କହିଛନ୍ତି ଯେ, ବଜାରରେ ପାଣି, ସ୍ୱଚ୍ଛତା ଓ ଅନ୍ୟାନ୍ୟ ମୂଳ ସୁବିଧା ମଧ୍ୟ ରହିଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

## ବରତୁଣ୍ଡାରେ ଷୋହଳପ୍ରହରୀ ନାମଯଜ୍ଞ

**ପାଇକମାଳ, ୧୩।୪(ସମିସ):** ପାଇକମାଳ ବ୍ଲକ ବରତୁଣ୍ଡା ଗାଁରେ ଗ୍ରାମବାସୀଙ୍କ ଦ୍ୱାରା ଷୋହଳପ୍ରହରୀ ନାମଯଜ୍ଞ ପାଇଁ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଙ୍ଗନଦୀ ପୂଜାର୍ଚ୍ଚନା କରି ପୂର୍ଣ୍ଣକଳସ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ । ପୂଜାକର୍ତ୍ତା ଭାବରେ ପୁସ୍ତମ ମେହେର ଓ ଧର୍ମପତ୍ନୀ ସୀମା ମେହେର ଥିବାବେଳେ ମୁଖ୍ୟ ପୂଜକ ଭାବରେ ପୂର୍ଣ୍ଣଚନ୍ଦ୍ର ଦାଶ ପୂଜାକାର୍ଯ୍ୟ ସମ୍ପାଦନା କରୁଛନ୍ତି । ସୋମବାର ନାମାରମ୍ଭ ହୋଇଥିଲା । ଏଥିରେ ସଚିକାନ୍ତ ବରିହା, ଶୁଶାନ୍ତ ପୋଡ଼, ଗଜନ୍ଦ ବିଶ୍ୱାଳ, ରଞ୍ଜିତ ପ୍ରଧାନ, ଚନ୍ଦ୍ର ବିଶି, ସାଗର ବିଶି, ଗୟା ସରାଫ, ଥବିର ସିଂ ଗିର୍ଣ୍ଡା, ବ୍ରହ୍ମା ପୋଡ଼, ଜଗଦୀଶ ଶବର, ଦୁର୍ଯ୍ୟୋଧନ ସାହୁ, ଯୁଧିଷ୍ଠିର ବାଗ, ରବୀନ୍ଦ୍ର ପୋଡ଼, ବିରଞ୍ଚି ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

## ଅଞ୍ଚଳ ମହାବିଦ୍ୟାଳୟରେ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ

**ପଦ୍ମପୁର, ୧୩।୪ (ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ପରିସରରେ ଗତ ଦୁଇଦିନ ଧରି ନିଆରା ସାରସ୍ୱତ ଓ ସାଂସ୍କୃତିକ ମାହୋଲ ସୃଷ୍ଟି ହୋଇଯାଇଛି ।'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ମାଧ୍ୟମରେ ରବିବାର ଦିନ ମାଟିର ମହାନ ଜନନାୟକଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇ ସେମାନଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦିଆଯାଇଥିଲା । ସେହିପରି ସୋମବାର 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମରେ ଓଡ଼ିଆ ପରମ୍ପରାର ସୁଆଦିଆ ବ୍ୟଞ୍ଜନର ମହକ ଛାଇ ଯାଇଥିଲା । ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ନିଜ ହାତରେ ପ୍ରସ୍ତୁତ କରି ଆଣିଥିବା ପାରମ୍ପରିକ ଖାଦ୍ୟର ପ୍ରଦର୍ଶନୀ ସ୍ୱାସ୍ଥ୍ୟକର ଜୀବନଶୈଳୀର ବାର୍ତ୍ତା ବାଣ୍ଟିଥିଲା । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସନ୍ତୋଷ କୁମାର ମିଶ୍ର, ପ୍ରମୋଦ କୁମାର ତ୍ରିପାଠୀ, ଡ.ସରୋଜ କୁମାର ନାଏକ ଏବଂ ମୁଖ୍ୟ ଲିପିକ ଧୁବେଇ ରଣା ଯୋଗ ଦେଇଥିଲେ । ଅଧ୍ୟାପକ ତୋଷାବନ୍ତ ବାରିକ ଓ ଷଡ଼ାନନ ଭୋଇଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀଙ୍କ ସକ୍ରିୟ ଯୋଗଦାନ କରିଥିଲେ ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଭେଡେନ, ୧୩।୪ (ସମିସ):** ଭେଡେନସ୍ଥିତ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠିତ ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷା ମଞ୍ଜୁଲା ସାହୁ ଉଦ୍‌ଘାଟନ କରିଥିବା ବେଳେ ଯୁବ ରେଡ୍‌କ୍ରସ ପରାମର୍ଶ ଦାତା ବିନୋଦ ବିହାରୀ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୧୭ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।ରକ୍ତ ସଂଗ୍ରହରେ ବରଗଡ଼ ରକ୍ତଭଣ୍ଡାରର କର୍ମଚାରୀ ସହଯୋଗ କରିଥିଲେ । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ ପାଇଁ ପ୍ରସ୍ତୁତି

**ଜମନକିରା, ୧୩।୪ (ସମିସ):** ବାମଣ୍ଡା ଗଡ଼ଜାତର ପ୍ରାଚୀନତମ ଶଗଡ଼େଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଜୁନ୍ ମାସ ୧୮ ଓ ୧୯ ତାରିଖରେ ହେବାକୁ ଥିବା ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ନୃପଲାଲ ପଲେଇଙ୍କ ସଭାପତିତ୍ୱରେ କର୍ତ୍ତା ଚୟନ ସହ ପ୍ରସ୍ତୁତି ବୈଠକ ପ୍ରାରମ୍ଭରେ ମନ୍ଦିରର ପୃଷ୍ଠପୋଷକ ସ୍ୱର୍ଗତ ଶଶୀଭୂଷଣ ବଢ଼େଇଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ମଳୟ ବେହେରା ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଭାପତି ନୃପଲାଲ ପଲେଇ ବିଗତ ବର୍ଷମାନଙ୍କରେ ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ ଉପରେ ସମ୍ୟକ୍ ସୂଚନା ଦେଇଥିଲେ । ବିଚାର ବିମର୍ଶ ପରେ ବୈଠକରେ ଉପସ୍ଥିତ ଥିବା ସିଙ୍କଲମୁଣ୍ଡା ନିବାସୀ ମଣ୍ଟୁ ପଟେଲ ଓ ସହଧର୍ମିଣୀ ସଙ୍ଗୀତା ପଟେଲଙ୍କୁ ବରକର୍ତ୍ତା ତଥା ସୁନ୍ଦରଗଡ଼ ପଟୁଆଡିହି ନିବାସୀ ପ୍ରଭାସ ପଟେଲ ଓ ସହଧର୍ମିଣୀ ମୋନାଲିସା ନାଏକଙ୍କୁ କନ୍ୟାକର୍ତ୍ତା ଭାବେ ସହମତି ଆଧାରରେ ଚୟନ କରାଯାଇଥିଲା । ଆସନ୍ତା ଅପ୍ରେଲ ୨୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଗଣ୍ଠିଲା ଫିଟା ଅନୁଷ୍ଠିତ ହେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପରିଚାଳନା କମିଟିର ସଭାପତି ରୁଦ୍ର ନାରାୟଣ ବେହେରା, ସମ୍ପାଦକ ସୁମନ୍ତ ବେହେରା, ରାଜା ଶର୍ମା, ନରେନ୍ଦ୍ର ପଲେଇ, ସନ୍ତୋଷ ଠାକୁର, ସତୀଶ ମହାକୁଳ, ମିତ୍ରଭାନୁ ରାଏ, ଅତୁଲ ପାତ୍ର, ଗୁରୁଚରଣ କିସାନ, ରାଜେଶ ମହାପାତ୍ର, କିଶୋର ମହାପାତ୍ର, ସଞ୍ଜୀବ କୁମାର ପଣ୍ଡା, ହିମାଂଶୁ ପଲେଇ, କୋଷାଧ୍ୟକ୍ଷ ରତନ ଲାଲ ସିଂହ ପ୍ରମୁଖ ବୈଠକରେ ଉପସ୍ଥିତ ରହି ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ବରଗଡ଼ରେ କଂଗ୍ରେସର ବିକ୍ଷୋଭ



**ବରଗଡ଼, ୧୩।୪(ସମିସ):** ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବରଗଡ଼ ସହରର ଗାନ୍ଧୀ ଛକରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଆସାମର ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ଦ୍ୱାରା କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ପ୍ରତି କରାଯାଇଥିବା ଅଶାଳୀନ ଟିପ୍ପଣୀକୁ ପ୍ରତିବାଦ କରାଯାଇଥିଲା । ହେମନ୍ତ ବିଶ୍ୱ ଶର୍ମାଙ୍କ କୁଶପୁତ୍ତଳିକା ଦାହ କରି ଅସନ୍ତୋଷ ପ୍ରକାଶ କରିଥିଲେ । ବରଗଡ଼ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂହଙ୍କ ନେତୃତ୍ୱରେ ବହୁ କର୍ମୀ ଓ ନେତା ଯୋଗଦେଇଥିଲେ । ଆଇନଜୀବୀ ସରୋଜ ଷଡ଼ଙ୍ଗୀ, କିଶୋର ଦଫାଦାର, ବ୍ରହ୍ମା ମହାକୁଡ଼, ପାଣ୍ଡବ କର୍ଣ୍ଣ, ପ୍ରତାପ ଚନ୍ଦ୍ର ନାୟକ, ଆନନ୍ଦ ପ୍ରଧାନ ସମେତ ଅନେକ ସ୍ଥାନୀୟ କଂଗ୍ରେସ କର୍ମୀ ସକ୍ରିୟ ଭାବେ ଭାଗ ନେଇଥିଲେ । ବିକ୍ଷୋଭ କାର୍ଯ୍ୟକ୍ରମ ବରଗଡ଼ ରାଜନୈତିକ ପରିବେଶରେ ଚର୍ଚ୍ଚାର ବିଷୟ ହୋଇପାରିଛି ।

## କବିତା ସଂକଳନ 'ମାଟିର୍ କହଁର୍' ଉନ୍ମୋଚିତ

**ପାଇକମାଳ, ୧୩।୪(ସମିସ):** କବି ସୁଦାମ କନ୍ଧେଧରଙ୍କ ସ୍ୱରଚିତ ରଚିତ ସମ୍ବଲପୁରୀ କୋଶଳୀ କବିତା ସଂକଳନ ମାଟିର୍ କହଁର୍ ଡୁମ୍ବେରବାହାଲ ସ୍କୁଲର ବାର୍ଷିକ ଉତ୍ସବ ଅବସରରେ ଉନ୍ମୋଚିତ ହୋଇଯାଇଛି । ସ୍କୁଲର ପ୍ରଧାନଶିକ୍ଷକ ହୃଷିକେଶ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗ ଦେଇ କବିତା ସଂକଳନକୁ ଉନ୍ମୋଚନ କରିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଡେପୁଟି ଡାଇରେକ୍ଟର କଲ୍ୟାଣୀ ଦାଶ ମୁଖ୍ୟବକ୍ତା, ସମାଜସେବୀ ଟାଇଲ ଚନ୍ଦ୍ର ଭୋଇ, ଅବସରପ୍ରାପ୍ତ ଏବିଇଓ ପ୍ରେମାନନ୍ଦ ବାରିକ, ଧଲେନ୍ଦ୍ର ବାରିକ, ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ପ୍ରତିନିଧି ପ୍ରମୋଦ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ସଭାରେ ଉପସ୍ଥିତ ଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ତଥା ସମ୍ବଲପୁରରୁ ପ୍ରକାଶ ପାଉଥିବା ଦୈନିକ ଜନମୁଖ ଖବରକାଗଜର ପୂର୍ବତନ ସହ ସମ୍ପାଦକ ବନବସ ସାହୁ ଏହି କବିତା ସଂକଳନ ମାଟିର୍ କହଁର୍ ପାଠକୀୟ ଅଭିମତ ଦେଇ କହିଥିଲେ ।ସମାଜକୁ ଦର୍ପଣ ଦେଖାଇଲା ପରି କବି ଏହି କବିତା ସଂକଳନର ପ୍ରତ୍ୟେକ କବିତା ମାଧ୍ୟମରେ ଆମ ଗ୍ରାମାଞ୍ଚଳ ମାଟିପାନି, ମଣିଷ ଜୀବନ, ଭାଷା ସଂସ୍କୃତି, ଚାଲିଚଲଣିକୁ ଅତି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ ।

## ପଞ୍ଚାୟତ ନିର୍ବାଚନରେ ଆଦିବାସୀ ପ୍ରାର୍ଥୀ ପାଇଁ ସଂରକ୍ଷଣ ଦାବି

**ବରଗଡ଼, ୧୩। ୪(ସମିସ):** ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଆସନ୍ତା ୨୦୨୭ ରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସମଗ୍ର ଓଡ଼ିଶାରେ ଅନୁସୂଚିତ ଜନଜାତି (ଏସଟି) ପାଇଁ ଆରକ୍ଷଣର ସଠିକ୍ କାର୍ଯ୍ୟାନ୍ୱୟନ ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି । ରାଜ୍ୟସଭା ସାଂସଦ ଶ୍ରୀ ବିଶି କହିଛନ୍ତି ଯେ, ଦେଶର ସର୍ବାଧିକ ଆଦିବାସୀ ଜନସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ । ଏଠାରେ ଆଦିବାସୀ ସମାଜକୁ ଗ୍ରାମୀଣ ଲୋକତନ୍ତ୍ରରେ ନ୍ୟାୟସଙ୍ଗତ ଏବଂ ପର୍ଯ୍ୟାପ୍ତ ରାଜନୈତିକ ପ୍ରତିନିଧିତ୍ୱ ମିଳିବା ଆବଶ୍ୟକ । ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାରେ ୯୫, ୯୦, ୭୫୬ ଅନୁସୂଚିତ ଜନଜାତି ଲୋକ ବସବାସ କରୁଛନ୍ତି, ଯାହା ରାଜ୍ୟର ମୋଟ ଜନସଂଖ୍ୟାର ୨୨.୮୫ ପ୍ରତିଶତ । ଏହା ସହିତ ରାଜ୍ୟରେ ୬୪ଟି ସ୍ୱୀକୃତ ଜନଜାତି ସମୁଦାୟ ରହିଛନ୍ତି । ସେ କହିଛନ୍ତି ଯେ, ସମ୍ବିଧାନର ଧାରା ୩୩୦, ୩୩୨, ୨୪୩ଡି, ୨୪୩ଟି, ୨୪୪ ଏବଂ ୩୩୮ ଏ ଅନୁଯାୟୀ ଆଦିବାସୀ ସମାଜକୁ ରାଜନୈତିକ ପ୍ରତିନିଧିତ୍ୱର ସ୍ପଷ୍ଟ ସୁରକ୍ଷା ଦିଆଯାଇଛି । ଏହାକୁ ସଠିକ୍ ଭାବେ ଲାଗୁ କରିବା ଆବଶ୍ୟକ । ଶ୍ରୀ ବିଶି ଦାବି କରିଛନ୍ତି ଯେ, ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ୱାର୍ଡ ସଦସ୍ୟ, ପଞ୍ଚାୟତ ସମିତି ସଦସ୍ୟ, ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଦସ୍ୟ ଏବଂ ଅଧ୍ୟକ୍ଷ ପଦରେ ଜନସଂଖ୍ୟା ଅନୁପାତ ଏବଂ ରୋଷ୍ଟର ପ୍ରଣାଳୀ ଅନୁଯାୟୀ ଏସଟି ଆରକ୍ଷଣ ନିଶ୍ଚିତ କରାଯାଉ । ପଞ୍ଚାୟତିରାଜ ବ୍ୟବସ୍ଥା ହେଉଛି ଲୋକତନ୍ତ୍ରର ପ୍ରଥମ ସ୍ତମ୍ଭ । ଯଦି ଗ୍ରାମସ୍ତରରେ ଆଦିବାସୀ ସମାଜକୁ ଯଥୋଚିତ ପ୍ରତିନିଧିତ୍ୱ ମିଳିବ ନାହିଁ, ତେବେ ସାମାଜିକ ନ୍ୟାୟର ସମ୍ବିଧାନିକ ସ୍ୱପ୍ନ ଅପୂର୍ଣ୍ଣ ରହିଯିବ । ଶ୍ରୀ ନିରଞ୍ଜନ ବିଶି ରାଜ୍ୟ ସରକାରଙ୍କୁ ଆରକ୍ଷଣ ରୋଷ୍ଟର, ଆସନ ବଣ୍ଟନ ଏବଂ ଆଇନଗତ ବ୍ୟବସ୍ଥାର ତୁରନ୍ତ ପୁନଃବିଚାର କରି ୨୦୨୭ ନିର୍ବାଚନରେ ଆଦିବାସୀ ସମାଜକୁ ତାଙ୍କର ନ୍ୟାୟସଙ୍ଗତ ଅଧିକାର ଦେବାକୁ ଅନୁରୋଧ କରିଛନ୍ତି ।

## ଶ୍ରୀରାମ ଆଧାରିତ ସମ୍ବଲପୁରୀ ଭକ୍ତିଗୀତ ଉନ୍ମୋଚିତ

**ସମ୍ବଲପୁର, ୧୩।୪ (ସମିସ) :** ହନୁମାନ ଜୟନ୍ତୀ ଅବସରରେ ତ୍ରିମୂର୍ତ୍ତି ପ୍ରଡକ୍ସନ ପକ୍ଷରୁ ଶ୍ରୀରାମଙ୍କ ଉପରେ ଆଧାରିତ ଭକ୍ତି ଗୀତ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆଜି ଉଦ୍‌ଘାଟିତ ହୋଇଯାଇଛି । ବିଶିଷ୍ଟ କଣ୍ଠଶିଳ୍ପୀ ତ୍ରିଲୋଚନ ତ୍ରିପାଠୀଙ୍କ ସହ ପୂଜା ମୁଣ୍ଡା ଏହି ଗୀତରେ କଣ୍ଠଦାନ କରିଛନ୍ତି । ଗୀତିକାର ସନତ ମିଶ୍ର ଏହି ଭକ୍ତି ଗୀତ 'ଭଜୁଥିବୁରେ ଜପୁଥିବୁରେ ମନେ ମନେ ଗୁଟେ ନାଆଁ... ରାମ ରାମ ....' କୁ ସଙ୍ଗୀତରେ ସଜେଇଛନ୍ତି । ମ୍ୟୁଜିକ ଆଲବମ୍ ଉନ୍ମୋଚନ ଉତ୍ସବରେ ଅତିଥି ଭାବରେ ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରଫୁଲ୍ଲ ମିତ୍ର, ମୋତିଲାଲ ଦୋରା, ପ୍ରମୋଦ ମିଶ୍ର, ପ୍ରୟାଗରାଜ ବେହେରା, କଣ୍ଠ ଶିଳ୍ପୀ ପୂଜା ମୁଣ୍ଡା ଓ ତ୍ରିଲୋଚନ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଶ୍ରୀ ମିତ୍ର କହିଲେ ଯେ, ଆଜିର ଦିନରେ ଯେତେ ମାତ୍ରାରେ କଣ୍ଠଶିଳ୍ପୀ ସୃଷ୍ଟି ହେବା କଥା ତାହା ହୋଇପାରୁନାହିଁ । ବିଗତ ଦିନରେ ଆକାଶବାଣୀ ଏକ ମୁଖ୍ୟ ଆଧାର ଥିଲା, ଯେଉଁଠୁ କଳାକାର ସୃଷ୍ଟି ହୋଇ ସମାଜରେ ପ୍ରତିଷ୍ଠିତ ହେଉଥିଲେ । କିନ୍ତୁ, ଯେଉଁପରି ଭାବରେ କଳାକାରଙ୍କ ପାଇଁ ଅଡିସନ ହେବା କଥା ତାହା ହେଉନାହିଁ, ଯଦ୍ୱାରା ଏହି ଭଳି ସମସ୍ୟା ସୃଷ୍ଟି ହେଉଛି । ଏହି ଅବସରରେ ଭକ୍ତି ଗୀତ 'ଭଜୁଥିବୁରେ ଜପୁଥିବୁରେ ମନେ ମନେ ଗୁଟେ ନାଆଁ...ରାମ ରାମ ....'ର ଅଡିଓ ଏବଂ ଭିଡିଓ ପ୍ରଦର୍ଶିତ କରାଯାଇଥିଲା । ଗୀତଟିର ଭିଡିଓ ପ୍ରସ୍ତୁତିରେ ମାନସ ମିଶ୍ର ଓ ବି. ଶଙ୍କର ମୁଖ୍ୟଭୂମିକା ନିର୍ବାହ କରିଥିବାବେଳେ ରେକର୍ଡିଷ୍ଟ ହେଉଛନ୍ତି ସୌରଭ ଛତ୍ରପାଲ । ସୂଚନା ଯୋଗ୍ୟ ଯେ, ଏହି ଗୀତଟି ଉଭୟ ପୁରୁଷ ଓ ମହିଳା କଣ୍ଠଶିଳ୍ପୀ ଗାଇଛନ୍ତି ।

## ରେଢ଼ାଖୋଲରେ ହନୁମାନ ଜୟନ୍ତୀ
## ପ୍ରକମ୍ପିତ ହୋଇ ଉଠିଥିଲା ସାରା ସହର



**ରେଢ଼ାଖୋଲ ୧୩.୦୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ହନୁମାନ ଜୟନ୍ତୀ ମହୋତ୍ସବ କମିଟି ପକ୍ଷରୁ ସୋମବାର ଦିନ ମହାବୀର ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି ।କମିଟିର ସଭାପତି ପ୍ରତାପ କୁମାର ପ୍ରଧାନଙ୍କ ନେତୃତ୍ୱରେ ସକାଖଗ ନୂଆଁସାହିସ୍ଥିତ ହନୁମାନ ମନ୍ଦିରରେ ଧ୍ୱଜା ସ୍ଥାପନ କରାଯାଇଥିଲା । ପରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ, ପାଇକ ଆଖଡ଼ା, ପାରମ୍ପରିକ ଆଦିବାସୀ ନୃତ୍ୟ ସମେତ ରାଜ୍ୟ ଏବଂ ରାଜ୍ୟ ବାହାରୁ ବିଭିନ୍ନ କଳାକାରଙ୍କୁ ନେଇ ଶୋଭାଯାତ୍ରାରେ ସହର ପରିକ୍ରମାରେ ବାହାରି ଭୀମଭୋଇ ଛକରେ ପହଞ୍ଚି କମିଟି ମୁଖ୍ୟ ଉପଦେଷ୍ଟା ଦେବେନ୍ଦ୍ର ମହାପାତ୍ର ଉପସ୍ଥିତିରେ ମହା ଆଳତି ଅନୁଷ୍ଠିତ ହୋଇଥିଲା । ସେଠାରୁ ରଥସାହି, ଯଦୁମଣିପାଟଣା ଦେଇ କଲେଜ ଛକରେ ଶୋଭାଯାତ୍ରା ସମାପ୍ତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେପିର ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗିରିଶ ପଟେଲ, ବିଜେପି ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମିତ୍ରଭାନୁ ପ୍ରଧାନ, ବିଜେପି ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ରମେଶ ପ୍ରଧାନ, ରେଢ଼ାଖୋଲ ନଗର ସଭାପତି ସୁଷମା ମୁଣ୍ଡା ପ୍ରମୁଖ ସମେତ ଅନ୍ୟ ପଦାଧିକାରୀ, କାର୍ଯ୍ୟକର୍ତ୍ତା, ହଜାରହଜାର ଜନସାଧାରଣ ସାମିଲ ଥିଲେ ।

## ଜେନିଥ୍ ଲାୟନ୍ସ ଗୁରୁକୁଳର ବାର୍ଷିକୋତ୍ସବ

**ପଦ୍ମପୁର, ୧୩। ୪(ସମିସ):** ପଦ୍ମପୁର ସହର ସ୍ଥିତ ଜେନିଥ୍ ଲାୟନ୍ସ ଗୁରୁକୁଳର ବାର୍ଷିକୋତ୍ସବ ଆୟୋଜିତ ହୋଇଯାଇଛି । ଦୁଇଦିନଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମଦିନ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲ୍ଲୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ତାଙ୍କ ସହିତ ଉପସ୍ଥିତ ଥିଲେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରତାପ ମିଶ୍ର, ଉପସଭାପତି ସୁଶାନ୍ତ ରଥ, ସମ୍ପାଦକ ପବନ ଅଗ୍ରୱାଲ, କୋଷାଧ୍ୟକ୍ଷ ମହମ୍ମଦ ଜାୱେଦ, ଅଧ୍ୟକ୍ଷ ଡ. ମନୋଜ କୁମାର ପଣ୍ଡା, ଜେନିଥ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଚତୁର୍ଭୁଜ ପ୍ରଧାନ ପ୍ରମୁଖ । ଅଧ୍ୟକ୍ଷ ଡ. ମନୋଜ କୁମାର ପଣ୍ଡା ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ପରିଚାଳନା କମିଟିର ଉପସଭାପତି ସୁଶାନ୍ତରଥ ବାର୍ଷିକ ବିବରଣୀ ପାଠ କରିଥିଲେ । ଶ୍ରୀମତୀ କୁଲ୍ଲୁ ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ ଏବଂ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଆହରଣ କରି ଦେଶଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହାପରେ ଗତ ଶିକ୍ଷାବର୍ଷ ବୋର୍ଡ ପରୀକ୍ଷାରେ ଶତକଡା ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା । । ଠିକ୍ ସେହିପରି ଦ୍ୱିତୀୟ ଦିନ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ । ସେ ତାଙ୍କ ବକ୍ତବ୍ୟରେ ଶୃଙ୍ଖଳା, ସାଧନା ଏବଂ ସଂଘର୍ଷ ମାଧ୍ୟମରେ ସଫଳତା ହାସଲର ମନ୍ତ୍ର ଦେଇଥିଲେ । ଏହାପରେ ଅଧ୍ୟକ୍ଷ ଡ.ମନୋଜ କୁମାର ପଣ୍ଡାଙ୍କ ଲିଖିତ ପ୍ରେରଣାଦାୟୀ ପୁସ୍ତକ (ଫ୍ୟୁଏଲ୍ ଫର୍ ଦି ଫାୟାର୍: ଇଗ୍ନାଇଟ୍ ୟୋର୍ ପ୍ୟାସନ୍ ଆଣ୍ଡ ପର୍ପଜ୍) ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସମାଜର ବିଭିନ୍ନକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ଼.ଶଙ୍କର ରାମଚନ୍ଦାନି, ଡ. ବାଞ୍ଛାନିଧି ପଣ୍ଡା, ନାଟ୍ୟକାର ଅଶୋକ କୁମାର ବହିଦାର, ଅମରଦୀପ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ୍ ବ୍ୟତୀତ ଶିକ୍ଷାନୁଷ୍ଠାନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ଗୌରବ ଆଣିଥିବା ଛାତ୍ର ଛାତ୍ରୀ, ସ୍ଥାନୀୟ ସାମ୍ବାଦିକ ଓ ସୋସିଆଲ ମିଡିଆ କ୍ରିଏଟର ମାନଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ବରିଷ୍ଠ ଶିକ୍ଷକ ସନ୍ତୋଷ ବେହେରା ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ । ମମତା ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂସ୍କୃତ ଭାରତୀ ପକ୍ଷରୁ ରାଜ୍ୟସ୍ତରୀୟ ଗୀତା ଶଳାକା ପରୀକ୍ଷା

**ବରଗଡ଼, ୧୩।୪(ସମିସ):** ସଂସ୍କୃତ ଭାରତୀ ଆନୁକୂଲ୍ୟରେ ସଂସ୍କୃତ ଭାଷାର ପ୍ରଚାରପ୍ରସାର ଏବଂ ଜନଜାଗରଣ ସୃଷ୍ଟି ପାଇଁ ପଦ୍ମପୁରସ୍ଥିତ ନବ ପ୍ରଭାତ ବୈଦିକ ବିଦ୍ୟାପୀଠରେ ରବିବାର ଦିନ ଶ୍ରୀମଦ୍ ଭାଗବତ ଗୀତାର ଶଳାକା ପରୀକ୍ଷା ଆୟୋଜିତ ହୋଇଯାଇଛି । ଗୀତା ଶଳାକା ପରୀକ୍ଷା ଏକ ପ୍ରାଚୀନ ଏବଂ ଅତ୍ୟନ୍ତ କଠୋର ମୌଖିକ ପରୀକ୍ଷା ପଦ୍ଧତି, ଯାହା ଦ୍ୱାରା ଛାତ୍ରଛାତ୍ରୀଙ୍କ ଗୀତାର ସମ୍ପୂର୍ଣ୍ଣ ଜ୍ଞାନର ପରୀକ୍ଷା କରାଯାଇ ଶାସ୍ତ୍ର ସଂରକ୍ଷଣ କରାଯାଇଥାଏ । ଏହି ଅବସରରେ ରାଜସ୍ଥାନସ୍ଥିତ ଅପେକ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରୋଫେସର୍ ସୋମଦେବ ଶତାଂଶୁ, ସଂସ୍କୃତ ଭାରତୀର ପ୍ରାନ୍ତ ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ, ଆଚାର୍ଯ୍ୟ ପୁରନ୍ଦର ଶାସ୍ତ୍ରୀ, ଆଚାର୍ଯ୍ୟ ଭାରତୀ ନନ୍ଦନ ଶାସ୍ତ୍ରୀ, ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ, ଆଚାର୍ଯ୍ୟ ଭଗବାନ ଦେବ, ପ୍ରାନ୍ତ ସହ ମନ୍ତ୍ରୀ ଡଃ ମାନସ ରଞ୍ଜନ ସାହୁ, ପ୍ରଚାର ପ୍ରମୁଖ ଶେଷଦେବ ମିଶ୍ର, ଉମେଶ ଭୋଇ, ଆଦର୍ଶ ମହାପାତ୍ର, ଚନ୍ଦ୍ରକାନ୍ତ ଦଣ୍ଡସେନା, ଅଧ୍ୟାପକ କୃଷ୍ଣଚନ୍ଦ୍ର ଦାଶ, ଅଧ୍ୟାପକ ରୂପେଶ ମିଶ୍ର, ଗଣେଶ ରାମ ମିଶ୍ର, ଗିରିଧାରୀ ବାରିକ, ଅହଲ୍ୟା ଆର୍ଯ୍ୟ ନିରଞ୍ଜନ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପରୀକ୍ଷା ପରିଚାଳନା କରିବା ସହ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ ।ଏହି ଅବସରରେ ୧୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ଅର୍ଥରାଶି ସହ ପୁରସ୍କୃତ କରାଯାଇଥିଲା । କଣ୍ଟାବାଞ୍ଜିର ଆନନ୍ଦ ଗୋୟଲ ସମସ୍ତ ପ୍ରତିଯୋଗୀଙ୍କୁ ଯଥାର୍ଥ ଗୀତା ଏବଂ ବରଗଡ଼ ଜିଲ୍ଲା ଅଧ୍ୟକ୍ଷ ପଣ୍ଡିତ ନେହେରୁ ଲାଲ ଶତପଥୀଙ୍କ ଶିଷ୍ୟ ଇଞ୍ଜିନିୟର ଶାନ୍ତନୁ ନାୟକ ଏବଂଅମ୍ବିକା ନାୟକ, ଭଟଲିର ଉପାଧ୍ୟକ୍ଷ ସ୍ୱର୍ଗତ ରାଜକିଶୋର ସାହୁଙ୍କ ସ୍ମୃତିରେ ତାଙ୍କ ଧର୍ମପତ୍ନୀ ସବିତା ସାହୁ ପ୍ରମୁଖ ଅର୍ଥରାଶି ସହଯୋଗ କରିଥିଲେ । ବରିଷ୍ଠ ବିଭାଗରେ ଦେବେଶ ସାହୁ, ରବିନାରାୟଣ ବିଶ୍ୱାଳ, ସାର୍ଥକ ବର୍ମା, ସମ୍ବିତ୍ ସାହୁ, ଅଜୁ କାଳସାଏ, କନିଷ୍ଠ ବିଭାଗରେ ଅନିକେତ ତ୍ରିପାଠୀ, ପ୍ରଭୁଦତ୍ତ ସୁଆର, ସାଇ ଅଂଶୁମାନ ମିଶ୍ର, ଉଦିତ ନାୟକ, ନିହାରିକା ବାରିକ ପ୍ରମୁଖ ପୁରସ୍କୃତ ହୋଇଥିଲେ ।

## ହନୁମାନ ଜୟନ୍ତୀ ପାଇଁ କଳସ ଶୋଭାଯାତ୍ରା

**ମେଲଛାମୁଣ୍ଡା, ୧୩। ୪(ସମିସ):** ଘେଁସ ରାଜବାଟୀ ପୁଲୁସ ଠାରେ ହନୁମାନ ଜୟନ୍ତୀ ପାଳନ ନିମନ୍ତେ ବଜରଙ୍ଗ ଦଳ ପକ୍ଷରୁ ଆଜି ପବିତ୍ର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବଜରଙ୍ଗ ଦଳର ଅନୀଲ ମହାପାତ୍ର, ରଣଜିତ ସିଂ ବରିହା, ନିରଞ୍ଜନ ଖର୍ସେଲ, ଡିଲେଶ୍ୱର ଗିଙ୍ଗିରା, ରିଙ୍କୁ ସାହୁ, ଜଗବନ୍ଧୁ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ମୁଖ୍ୟ କର୍ତ୍ତା ସମାରୁ ବରିହାଙ୍କ ସମେତ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଭକ୍ତଗଣ ସ୍ଥାନୀୟ ପୁଡ଼ିବନ୍ଧଠାରୁ ପବିତ୍ର ଜଳ ସଂଗ୍ରହ କରି ଦୁଲଦୁଲି ବାଜା, ଡିଜେ, ଘଣ୍ଟଶଙ୍ଖ, ଘଣ୍ଟବାଦ୍ୟର ତାଳେତାଳେ ଗ୍ରାମରେ ଏକ ଭବ୍ୟ ଶୋଭାଯାତ୍ରା କରିଥିଲେ । ଏଥିରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗଦେଇ ଆୟୋଜିତ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ । ଦୀନବନ୍ଧୁ ସାହୁ, ସୁଦୀପ ସାହୁ, ନିମାଇଁ ସାହୁ, ରାଜେଶ ନନ୍ଦ ପ୍ରମୁଖ ସାମିଲ ରହିଥିଲେ । ପୂର୍ଣ୍ଣଚନ୍ଦ୍ର ବରିହା, ରିଙ୍କୁ ସାହୁ, ନାରାୟଣ ନାଗ ବଜରଙ୍ଗ ଦଳର ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ ।

## ଉତ୍ତାଳଗଡ଼ ସ୍ପୋର୍ଟିଂ ରାତ୍ରିକାଳୀନ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

**ବିଜେପୁର, ୧୩।୪(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ହାଇସ୍କୁଲ ପଡ଼ିଆରେ ଉତ୍ତାଳଗଡ଼ ସ୍ପୋର୍ଟିଂ ଆୟୋଜନରେ ଏକ ରାତ୍ରିକାଳୀନ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି । ଏଥିରେ ଝରା, ଜ୍ଞାନ, ମହୁଲପାଲି, ତାଳପଦର ସମେତ ଚାରୋଟି ଦଳ ଅଂଶଗ୍ରହଣ କରିଥିଲେ । ସ୍ଥାନୀୟ ସରପଞ୍ଚ କାମିନୀ ପ୍ରଧାନ, ସମିତି ସଦସ୍ୟ ସଞ୍ଜୁ ପ୍ରଧାନ ଅତିଥି ଭାବରେ ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଖେଳଶିକ୍ଷକ ହୃଦମଣି ସାହୁ, ଉମେଶ ଭୋଇ, ସୁଦର୍ଶନ ବନଛୋର, ବିବେକାନନ୍ଦ ପ୍ରଧାନଙ୍କ ସମେତ କର୍ମକର୍ତ୍ତା ତଥା ଖେଳପ୍ରେମୀମାନେ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

## ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ



**ସମ୍ବଲପୁର, ୧୩।୪(ସମିସ):** ଜିଲ୍ଲା କ୍ରୀଡ଼ା ସଂଘ ସମ୍ବଲପୁର ଓ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମରେ ଚାଲିଥିବା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସୋମବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଛି । ପ୍ରଥମରେ ମେହେର ଆସୋସିଏସନ ସହଯୋଗ କ୍ଲବକୁ ୧୧-୦ ଗୋଲରେ ପରାସ୍ତ କରିଛି । ଦ୍ୱିତୀୟ ମ୍ୟାଚ ରେଲୱେ ଫୁଟବଲ ଏକାଡେମୀ ହିନ୍ଦ କ୍ଲବକୁ ୪-୦ ଗୋଲରେ ପରାସ୍ତ କରିଛି । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଖେଳ ସମ୍ପାଦକ ରାଜେଶ ସେଠ, ଆଇନଜୀବୀ ଆଫତାବ ଆଲମ ଯୋଗ ଦେଇଥିଲେ । ପରେଶ ପ୍ରଧାନ, ଅଜୟ ମାଝି, ଭାରତୀ ଓରାମ, ଅନିତା ଓରାମ ଓ ଅରୁଣ ଭୋଇ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ ।

### ଜୀରାକଲୋନୀ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତା
## ଜୀରାକଲୋନୀ ଫାଇଟର ଚାମ୍ପିଅନ

ବରଗଡ଼ ୧୩। ୪(ସମିସ)

ବରଗଡ଼ ପୌରପରିଷଦ ୱାର୍ଡ ନମ୍ବର ୧ ଜୀରାକଲୋନୀ ଖେଳପଡ଼ିଆରେ ଜୀରା କଲୋନୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଦୁଇ ଦିବସୀୟ ଜୀରା କଲୋନୀ ପ୍ରିମୀୟର ଲିଗ୍ ଫ୍ଲଡ ଲାଇଟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କ୍ଲବ୍‌ର ସଭାପତି ଦେବବ୍ରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଓ ସୁମିତ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ରଜକ ସେବା ସମିତିର ଅଧ୍ୟକ୍ଷ ଅର୍ଜୁନ ସେଟ୍ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଯୁବ ନେତା ଉଦ୍ଧବ ସେଟ୍ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ପ୍ରତିଯୋଗିତାରେ ଗଣପତି ଫାଇଟର, ରାମସେନା, ରିହାନ ଇଲେଭେନ୍‌ଓ ଜୀରା କଲୋନୀ ଫାଇଟର ଚାରୋଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍ ଜୀରା କଲୋନୀ ଫାଇଟର ଓ ରାମସେନା ଦଳ ମଧ୍ୟରେ ହୋଇଥିଲା । ରାମସେନା ନିର୍ଦ୍ଧାରିତ ୮ ଓଭର ରେ ୯୬ ରନ ଟାର୍ଗେଟ୍ ଦେଇଥିଲା । ଜୀରା କଲୋନୀ ଫାଇଟର୍ ୭.୨ ଓଭରରେ ଲକ୍ଷ୍ୟ ହାସଲ କରି ଚାମ୍ପିଅନ ହୋଇ ଚାମ୍ପିଅନ ଟ୍ରଫି ହାସଲ କରିବା ସହିତ ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସୁଜିତ୍ ମେହେର ରାଜା ବାବୁ ଓ ଅନ୍ୟମାନେ ସହଯୋଗ କରିଥିଲେ ।



